ଗ୍ରାମୀଣ କୃଷି ମୌଷମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

ସପ୍ତାହ ସଂଖ୍ୟା -୦୪

Deepanjali Dugal,
Jr. Agrometeorologist

ବୁଲେଟିନ ନମ୍ବର :୦୮
ତାରିଖ : ୨୭.୦୧.୨୦୨୪
(ଶନିବାର)

# ଢେଙ୍କାନାଳ ଜିଲ୍ଲା

## ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୧.୦୧.୨୦୨୪ ରୁ ୨୭.୦୧.୨୦୨୪)

| | |
|---|---|
| ବୃଷ୍ଟିପାତ (ମି.ମି.) | ୧୯.୬ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୦.୯-୨୭.୨ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୨.୯-୧୮.୮ |

## ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୧ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 28-01-2024 | 0 | 26 | 12 | 2 | 70 | 23 | 5 | 135 |
| 29-01-2024 | 0 | 27 | 13 | 2 | 77 | 25 | 5 | 124 |
| 30-01-2024 | 0 | 27 | 14 | 3 | 84 | 25 | 7 | 154 |
| 31-01-2024 | 0 | 27 | 16 | 4 | 79 | 28 | 9 | 162 |
| 01-02-2024 | 0 | 26 | 16 | 4 | 83 | 34 | 8 | 165 |

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ଓ ଆକାଶ ମୁଖ୍ୟତଃ ପରିଷ୍କାର ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୫-୦୯ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୨୬°c -୨୭°c ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୨°c -୧୬°c ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୭୦ ରୁ ୮୪ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୨୩ ରୁ ୩୪ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ଧାନ ରୋଇବାର ୩ ଦିନ ମଧ୍ୟରେ ଏକର ପ୍ରତି ୮୦୦ ମିଲି pretilachlor କିମ୍ବା ୩୦ ଗ୍ରାମ Oxadiargyl କିମ୍ବା ୮୦ ଗ୍ରାମ Pyrazosulfuron Ethyl ଘାସମରା ଔଷଧ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ୨୦ କିଲୋଗ୍ରାମ ବାଲି ରେ ମିଶାଇ ସମାନ ଭାବରେ ଜମି ରେ ପ୍ରୟୋଗ କରନ୍ତୁ।
- ବର୍ତମାନ ସମୟରେ ଚିନାବାଦାମ ଫସଲରେ ଟୀକା ରୋଗ ଲାଗିବାର ସମ୍ଭାବନା ରହିଛି। ଏହି ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Chloropthalonil କିମ୍ବା ୬୦୦ ଗ୍ରାମ Mancozeb କିମ୍ବା ୩୦୦ ମିଲି Hexaconazole ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ।

**ଡାଲୁଅ ଧାନ:**

ପ୍ରାରମ୍ଭିକ ଅବସ୍ଥାରେ ଧାନ ଫସଲରେ କାଣ୍ଡବିନ୍ଧା ପୋକ ପ୍ରଜାପତି ଦେଖାଦେଲେ ଏହାର ପରିଚାଳନା ପାଇଁ ଏକର ପ୍ରତି ଗୋଟିଏ ଲେଖାଏଁ **Trichogramma japonicum** କାର୍ଡ ପ୍ରତି ସପ୍ତାହ ଅନ୍ତେରରେ ୬ଥର ବ୍ୟବହାର କରନ୍ତୁ। କାର୍ଡଟିକୁ ନିର୍ଦ୍ଧାରିତ ସ୍ଥାନରେ ଖଣ୍ଡ ଖଣ୍ଡ କରି ୧୨ଟି ସ୍ଥାନରେ ଲଗାନ୍ତୁ । ଏହା ସହ ଏକର ପ୍ରତି ୫ଟି **pheromone trap** ବ୍ୟବହାର କରନ୍ତୁ । ରସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୮କିଲୋଗ୍ରାମ **Cartap hydrochloride** ୪**G** କିମ୍ବା ୪କିଲୋଗ୍ରାମ **Chlorantraniliprole** କିମ୍ବା ୬ କିଲୋଗ୍ରାମ **Imidacloprid** ନାମକ ଦାନାଦାର କୀଟନାଶକ, ସମାନ ଓଜନର ବାଲିସହ ମିଶାଇ ପ୍ରୟୋଗ କରନ୍ତୁ।

**ଆଖୁ:**

ଆଖୁ ଫସଲ ଅଧିକ ପରିମାଣରେ ଖାଦ୍ୟସାର ଗ୍ରହଣ କରିଥାଏ । ଆଖୁ ଲଗାଇବା ପୂର୍ବରୁ ଶେଷ ଓଡ ସମୟରେ ଏକର ପ୍ରତି ୪ ଟନ ଶଢା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ । ଆଖୁ ଲଗାଇବା ସମୟରେ ସିଆରରେ ୮୭ କିଲୋଗ୍ରାମ ଡିଏପି ଓ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ ଏବଂ ସିଆର ରେ ୨-୩ ଇଞ୍ଚ ମାଟି ଘୋଡାଇ ଆଖୁ ବିହନ ଲଗାନ୍ତୁ ।

**ବିରି ଓ ମୁଗ**

ମୁଗ ଓ ବିରି ଫସଲରେ ପାଉଁଶିଆ ରୋଗର ପରିଚାଳନା ପାଇଁ ଏକର ପ୍ରତି ୮୦୦ ଗ୍ରାମ Sulphur ନାମକ ଫିମ୍ପିନାଶକ କିମ୍ବା ୩୦୦ ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Propiconazole ନାମକ ଫିମ୍ପିନାଶକ କିମ୍ବା ୧୦୦ ମିଲି Penconazole ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ସୋରିଷ:**
ବର୍ତ୍ତମାନ କୁହୁଡିଆ ଓ ଥଣ୍ଡା ପାଗ ଯୋଗୁଁ ସୋରିଷ ଫସଲରେ ଧଳା କଳଙ୍କି ରୋଗ ଲାଗିବାରା ସମ୍ଭାବନା ଅଛି । ଏହାର ନିରାକରଣ ପାଇଁ Metalaxyl @ ୨ ଗ୍ରାମ ପ୍ରତି ୧ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଚିନାବାଦାମ**
ଚିନାବାଦାମ ଫସଲରେ କାଣ୍ଡ ପଚା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି Validamycin କିମ୍ବା ୩୦୦ ଗ୍ରାମ Captan ଓ Hexaconazole ର ମିଶ୍ରିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ମାଟିକୁ ଭଲ ଭାବରେ ଭିଜାନ୍ତୁ ।

**ପିଆଜ:**
ପିଆଜ ତଳି ଲଗେଇବାର ଦୁଇ ଦିନ ମଧ୍ୟରେ ଘାସ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୧ ଲିଟର Pendimethalin ନାମକ ଘାସ ମରା ଔଷଧ କିମ୍ବା ୮୦ ଗ୍ରାମ Oxyfluorfen ନାମକ ଘାସ ମରା ଔଷଧ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ଝୁଡୁଙ୍ଗ:**
- ସମ୍ବାଳୁଆ ପୋକ ସଂକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ୍.ସି. @ ୮୦ ମି.ଲି ଏକର ପ୍ରତି ୨୦୦ ଲିଟର ମିଶାଇ ସିଞ୍ଚନ କରନ୍ତୁ ।
- ସର୍କୋସ୍ପୋରା ଜନିତ ପତ୍ରପୋଡା ରୋଗ ଦେଖାଦେଲେ ୨୦୦ ମି.ଲି. ଡାଇଫେନୋକୋନାଜୋଲ୍ ୨୫% ଇ.ସି. କିମ୍ବା ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲୁ.ପି. ମିଶ୍ରିତ ଫିମ୍ପିନାଶକ ଏକର ପ୍ରତି ୨୦୦ ଲିଟର ମିଶାଇ ସିଞ୍ଚନ କରନ୍ତୁ ।

**ନଡିଆ:**
- ନଡ଼ିଆ ଗଛରେ ନାଲିଘୁଣି ପୋକ ଦେଖାଦେଲେ ଗଣ୍ଡିରେ ହୋଇଥିବା କଣାରେ କାର୍ବୋଫ୍ୟୁରାନ୍ ୩% ଜି. + ବାଲି ୧:୧ ▯ନୁପାତରେ ମିଶାଇ କଣାକୁ ବନ୍ଦ କରିଦି▯ନ୍ତୁ |
- ଗଣ୍ଡାପୋକ ଦେଖାଦେଲେ ନଡିଆ ବଗିଚା ପାଖରେ ଥିବା ଖତଗଦାକୁ ସଫା କରନ୍ତୁ ଓ କ୍ଲୋରପାଇରିଫସ୍ ୧.୫% ଗୁଣ୍ଡ ପକାଇ ବିଶୋଧନ କରନ୍ତୁ |

**କଦଳୀ:**
ସିଗାଟୋକା ପତ୍ରଦାଗ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲୁ.ପି. କିମ୍ବା କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁ.ପି. ମିଶାଇ ପତ୍ର ସିଞ୍ଚନ କରନ୍ତୁ |

**ଗେଣ୍ଡୁ:**
କଢ଼ ଓ ଫୁଲଖିଆ ପୋକ ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ୨୦% ଇ.ସି. କିମ୍ବା ୨ ମି.ଲି. କ୍ୱିନାଲଫସ୍ ୨୫% ଇ.ସି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦% ଇ.ସି. ମିଶାଇ ପତ୍ର ସିଞ୍ଚନ କରନ୍ତୁ |

**ଆମ୍ବ:**
ମେଘୁଆ ବା କୁହୁଡିଆ ପାଗରେ ଆମ୍ବ ଡାହାଣୀ ପୋକର ବିଂଶବୃଦ୍ଧି ଦ୍ରୁତଗତିରେ ହୋଇଥାଏ। ଏହି ପୋକର ପରିଚାଳନା ପାଇଁ ଆମ୍ବ ଗଛରେ ବଉଳ ଆରମ୍ଭ ହେବା ସମୟରେ ପ୍ରତି ୧୫ଲିଟର ପାଣିରେ ୫ମିଲି **Imidacloprid** ନାମକ କୀଟନାଶକ କିମ୍ବା ୩ଗ୍ରାମ **Thiamethoxam** ନାମକ କୀଟନାଶକ କିମ୍ବା ୪ଗ୍ରାମ **Acetamiprid** ନାମକ କୀଟନାଶକ ମିଶାଇ ସିଂଚନ କରନ୍ତୁ । କୀଟନାଶକ କୁ ବଉଳ ଆସିବା ପୂର୍ବରୁ ଥରେ ଏବଂ ଦୁଇ ସପ୍ତାହ ପରେ ଆଉଥରେ ସିଂଚନ କରନ୍ତୁ । ଏହା ଛଡା ଆମ୍ବ ବଗିଚାରେ ଝଡା ପତ୍ର ସବୁ ସିଂଗ୍ରହ କରି ମେଘୁଆ ବା କୁହୁଡିଆ ପାଗରେ ଆମ୍ବ ଗଛ ମୂଳରେ ଧୂଆଁ ଦେଲେ ଆମ୍ବ ଡାହାଣୀ ସଂଖ୍ୟା ଗଛରେ କମିଯାଏ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**